# ତହସିଲଦାରଙ୍କ କାର୍ଯ୍ୟାଳୟ,ପାଟଣାଗଡ

## ଇସ୍ତାହାର

ବିଜ୍ଞାପନ ସଂଖ୍ୟା - P5୮୨

ତାରିଖ - ୨୯/୦୫/୨୦୨୦

### ଲଘୁଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣା ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପାଟଣାଗଡ ତହସିଲ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ନଦୀ, ବାଲି ଓ ପଥର ଉତ୍ସ ଗୁଡିକର ଆସନ୍ତା 5 ବର୍ଷ ନିମନ୍ତେ ସନ 2020-2021 ଆର୍ଥିକ ବର୍ଷ ଠାରୁ ସନ 2025-2026 ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, 2004(ସଂଶୋଧନ 2016 ଆଇନ ଅନୁଯାୟୀ)ଫର୍ମ ନଂ M ପୁରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପା ଜିରଆରେ ତହସିଲଦାର,ପାଟଣାଗଡ ଠିକଣାରେ ତହସିଲ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ଆସନ୍ତା ତା. 04.06.2020 ରିଖ ଠାରୁ 12.06.2020 ରିଖ ସମୟ 10.00 ଘଟିକା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ପକାଇପାରିବେ । ତହସିଲ କାର୍ଯ୍ୟାଳୟ ଟେଣ୍ଡର ବାକ୍ସ ତା.17.06.2020 ରିଖ 10.30 ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ସମୟ ଓ ତାରିଖ ଅତିବାହିତ୍ ହେବାପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ତନଖି ସମୟରେ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଏହି ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା ୱେବସାଇଟ www.balangir.nic.in ରେ ଉପଲବ୍ଧ ଅଟେ । ଯଦି ଉକ୍ତ ଦିବସରେ କୌଣସି କାରଣରୁ ନିଲାମ କାର୍ଯ୍ୟ ଶେଷ ନ ହୋଇ ପାରେ ନଚେତ ପରିବର୍ତ୍ତି ତା 18.06.2020 ଓ 26.06.2020 ରିଖରେ ପର୍ଯ୍ୟାୟ କ୍ରମେ ନିଲାମ କାର୍ଯ୍ୟ ପରିଚାଳିତ ହେବ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍**

1. ଦରଖାସ୍ତ ପାଉଣା ବାବଦକୁ ଟ.1000/- ଏକ ହଜାର ଟଙ୍କାର ଟ୍ରେଜେରୀ ଚାଲାଣ ନିମ୍ନ ହେଡ ରେ ପ୍ରଦାନ କରିବେ ( Head of Account-0853 Non Ferrous mining & Metallurgical Industries-102-Mineral concession fees rent and royalties ).
2. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧରେ ସତ୍ୟପାଠ ପ୍ରଦାନ କରିବେ ।
3. ଆବେଦନକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦକୁ ବର୍ଷକୁ 5% ହାରରେ ସ୍ଥିରିକୃତ ହୋଇଥିବା ବାଲିର ପରିମାଣ ଉପରେ ଅମାନତ ରାଶି ( Earnest Money) ଦେୟ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପୈଠ କରିବେ ।

4. Rule 27 (IV) of OMMC,Rule 2016 ମୁତାବକ 18 ମାସ ପର୍ଯ୍ୟନ୍ତ ଅବଧି ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବ ନିମ୍ନ ସ୍ଥିରିକୃତ ହୋଇଥିବା ଲଘୁଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ପ୍ରଦାନ କରୁଥିବା ଅତିରିକ୍ତ ଦେୟ Additional Charges ମୂଲ୍ୟ ଠାରୁ କମ୍ ହୋଇଥିବା ଏବଂ ଏଥି ସହିତ ସଂପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।
5. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ସରଜମିନ ପରିଦର୍ଶନ କରି ସଂଲଗ୍ନ କରିବେ ।
6. ସର୍ବୋଚ୍ଚ ନିଲାମ ଡକାଳି (Successful bidder ) Mining Plan and Environment Clearance ବାବଦକୁ ଦେୟ ପୈଠ କରିବେ ।

ତହସିଲଦାର,ପାଟଣାଗଡ

ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନ ବିବରଣୀ

| କ୍ର. ନଂ | ସୈରାତ ଉତ୍ସର ନାମ ଏବଂ କେସ ନଂ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା ( in Ac.) | କିସମ | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲଟି ମୂଲ୍ୟ ( percum) ଟଙ୍କାରେ | ଅତିରିକ୍ତ ଦେୟ (Additional Charge cum ) ଟଙ୍କାରେ | M.GQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | Bank Guarantee (not less than of rupes) | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି (Earnest Money) ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|---|
| 1 | | କଉଡିଆ( A) | 48 | 1 | 11.72 | ନଦୀ | ବାଲି | 35.00 | 4.00 | 2800 | 109200 | 5460 |
| | | | | 302 | 63.00 | ନଦୀ | ବାଲି | | | | | |
| 2 | | କଉଡିଆ (B) | 48 | 302 | 7.57 | ନଦୀ | ବାଲି | 35.00 | 4.00 | 2500 | 97500 | 4875 |
| 3 | | ନକଟାସର | 56 | 220 | 12.35 | ନଦୀ | ବାଲି | 35.00 | 4.00 | 2500 | 97500 | 4875 |
| 4 | | ପୁଡାପଦର | 48 | 78 | 12.00 | ନଦୀ | ବାଲି | 35.00 | 4.00 | 2500 | 97500 | 4875 |
| 5 | | ମୂଣ୍ଡୋମହୁଲ | 99 | 289/1 | | ଡୁଙ୍ଗୁରୀ | ପଥର | 130.00 | 8.00 | 3240 | 447120 | 22356 |
| 6 | | ଘସିଏନ | 228 | 1276, 1278 | 2.39 | ପଥର ଚଟାଣ | ପଥର | 130.00 | 8.00 | 1489 | 205482 | 10274 |

ତହସିଲଦାର,ପାଟଣାଗଡ

ପରିପତ୍ର ସଂଖ୍ୟା ୯୬୮୩ ତାରିଖ ୨୫/୦୪/୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ,ବଲାଙ୍ଗିର /ଉପ-ଜିଲ୍ଲାପାଳ,ପାଟଣାଗଡ/କାର୍ଯ୍ୟ ନିର୍ବାହୀ ଅଧିକାରୀ,ବିଜ୍ଞାପିତ ଅଞ୍ଚଳ,ପାଟଣାଗଡ /ଗୋଷ୍ଠି ଉନ୍ନୟନ ଅଧିକାରୀ,ପାଟଣାଗଡ ଙ୍କ ଅବଗତି ତଥା କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ତଥା କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ,ପାଟଣାଗଡ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ ପାଇଁ ଛପାଗଲା ।

ଏହାର ଏକକିତା ନକଲ D.I.O,NIC,Collectorate,Balangir for hosting the copy the notice in the district webstie.

ତହସିଲଦାର,ପାଟଣାଗଡ